# India-Georgia Foreign Office Consultations

December 09, 2020

## ଭାରତ-ଜର୍ଜିଆ ବୈଦେଶିକ କାର୍ଯ୍ୟାଳୟର ବିଚାର ବିମର୍ଷ

**ଡିସେମ୍ବର 09, 2020**

ଭାରତ ଓ ଜର୍ଜିଆ ମଧ୍ୟରେ ଏଫଓସି ବା ବୈଦେଶିକ କାର୍ଯ୍ୟାଳୟର ପଞ୍ଚମ ପର୍ଯ୍ୟାୟ ବିଚାର ବିମର୍ଷ 8 ଡିସେମ୍ବର 2020 ରେ ଡିଜିଟାଲ ଭିଡିଓ-ସମ୍ମିଳନୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ଅତିରିକ୍ତ ସଚିବ (ୟୁରୋପ ଏବଂ କୋଭିଡ-19) ଶ୍ରୀ ଦାମୁ ରବି ଏବଂ ଜର୍ଜିଆ ଦଳର ନେତୃତ୍ୱ ଉପ ବୈଦେଶିକ ବ୍ୟାପାର ମନ୍ତ୍ରୀ ମହାମହିମ ଶ୍ରୀ ଆଲେକଜାଣ୍ଡାର୍ ଖ୍ୱିତିଶିଆଶଭିଲି କରିଥିଲେ।

ବିଚାର ବିମର୍ଷ ସମୟରେ ଉଭୟ ପକ୍ଷ ଦ୍ୱିପାକ୍ଷିକ ସହଯୋଗର ବିଭିନ୍ନ ଦିଗ ଉପରେ ସମୀକ୍ଷା କରିଥିଲେ। ରାଜନୈତିକ, ବାଣିଜ୍ୟିକ ଏବଂ ଅର୍ଥନୈତିକ, ଦୂତାବାସ, ପର୍ଯ୍ୟଟନ, ଶିକ୍ଷା ଏବଂ ସାଂସ୍କୃତିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ବ୍ୟାପାର ଉପରେ ମଧ୍ୟ ଉଭୟ ପକ୍ଷ ମତ ବିନିମୟ କରିଥିଲେ ଏବଂ ବହୁପକ୍ଷୀୟ ମଞ୍ଚରେ ସହଯୋଗ ବୃଦ୍ଧି କରିବାକୁ ସହମତ ହୋଇଥିଲେ।

ପରବର୍ତ୍ତୀ ବିଚାର ବିମର୍ଷ ପାରସ୍ପରିକ ସୁବିଧାଜନକ ଦିନରେ ଭୌତିକ ରୂପରେ ଆୟୋଜନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

**ଡିସେମ୍ବର 09, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.